## ଆଜି ଅନୁଗୋଳରୁ ୪ ଜଣ କରୋନା ପଜିଟିଭ ଚିହ୍ନଟ ।

### ପଜିଟିଭ ସଂଖ୍ୟା ପହଞ୍ଚିଲା ୪୩୧ରେ - ସୁସ୍ଥ ହେଲେ ୧୧ ଜଣ ।

ଅନୁଗୋଳ,ତା.୧୦.୮ :-ଆଜି ଅନୁଗୋଳ ଜିଲ୍ଲାରୁ ୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଅନୁଗୋଳ ପୌରାଞ୍ଚଳରୁ ୨ ଜଣ ଓ ବଣ୍ଟରପାଳ ଓ ଆଠମଲ୍ଲିକ ବ୍ଲକ୍ ଅଂଚଳରୁ ଜଣେ ଲେଖାଏଁ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଅନୁଗୋଳ ପୌରାଂଚଳରୁ ଜଣେ ୨୨ ବର୍ଷିୟ ପୁରୁଷ ଓ ଜଣେ ୫୫ ବର୍ଷିୟା ମହିଳା କଟକରୁ ଫେରି ହୋମ କ୍ୱାରାଣ୍ଟାଇନ୍ ଥିବା ଅବସ୍ଥାରେ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ବଣ୍ଟରପାଳ ବ୍ଲକ୍ ଅଂଚଳର ଜଣେ ୨୯ ବର୍ଷିୟ ପୁରୁଷ ମହାରାଷ୍ଟ୍ରରୁ ଫେରି ହୋମ କ୍ୱାରାଣ୍ଟାଇନ୍ ଥାଇ ପଜିଟିଭ ହୋଇଥିବାବେଳେ ଆଠମଲ୍ଲିକ ବ୍ଲକ୍ ଅଂଚଳରୁ ଜଣେ ୨୩ ବର୍ଷିୟ ପୁରୁଷ ଗୁଜୁରାଟରୁ ଫେରି ହୋମ କ୍ୱାରାଣ୍ଟାଇନ୍ ଥିବା ଅବସ୍ଥାରେ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହି ୪ ଜଣ ଆକ୍ରାନ୍ତଙ୍କୁ ଆଜି ଚିକିତ୍ସା ନିମନ୍ତେ ତାଳଚେର କୋଭିଡ ହସପିଟାଲକୁ ସ୍ଥାନାନ୍ତର କରାଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି । ଇତି ମଧ୍ୟରେ ୧୧ଜଣ ସୁସ୍ଥ ହୋଇ ନିଜ ଘରେ Isolation ରେ ରହିବାକୁ ପରାମର୍ଶ ଦିଆଯାଇଛି । ପୂର୍ବରୁ ସୁସ୍ଥ ହୋଇଥିବା ୩୧୯ ଜଣଙ୍କୁ ମିଶାଇ ସୁସ୍ଥଙ୍କ ସଂଖ୍ୟା ୩୩୦ ରେ ପହଂଚିଲା ।